# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 June – 2025**

**News Editor : Tapan Kumar Moharana**

***********************************

## ମୁଖ୍ୟ ସମ୍ବାଦ

- ମାନବତାର ବୃହତ୍ତର ମଙ୍ଗଳ ପାଇଁ ଯୋଗ ବିଶ୍ୱ ସାମୂହିକ ପ୍ରୟାସର ନିଦର୍ଶନ; କହିଲେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସାମୂହିକ ଯୋଗାଭ୍ୟାସ

— ସ୍କୁଲ ପାଠ୍ୟକ୍ରମ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯୋଗକୁ ଅନ୍ତର୍ଭୁକ୍ତ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ

- 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'ର ବାର୍ତ୍ତା ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ
- ଭୁବନେଶ୍ୱରରେ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ ଷଷ୍ଠ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀ

ଏବଂ

- ଏକାଦଶୀ ତିଥିରେ ଜ୍ୱରରୁ ଉପଶମ ପାଇଁ ଶ୍ରୀଜୀଉଙ୍କୁ ଲାଗି ହେବ ଦଶମୂଳ

# ପିଏମ୍‌-ଯୋଗ (ଏପି)

ମାନବତାର ବୃହତ୍ତର ମଙ୍ଗଳ ପାଇଁ ଯୋଗ ବିଶ୍ୱର ସାମୂହିକ ପ୍ରୟାସର ନିଦର୍ଶନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆନ୍ଧ୍ରପ୍ରଦେଶର ବିଶାଖାପଟନମ୍‌ଠାରେ ଏକାଦଶ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜୀବନରେ ସନ୍ତୁଳନ ରକ୍ଷା କରିବାରେ ଯୋଗ ବିଶେଷ ସହାୟକ ହୋଇଥାଏ । ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖିବା ପାଇଁ ଯୋଗକୁ ଏକ ମାର୍ଗ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସଂପ୍ରଦାୟକୁ ଆହ୍ୱାନ ଦେଇଛନ୍ତି । ଯୋଗ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି, ଯାହା ସୀମା, ପୃଷ୍ଠଭୂମି, ବୟସ ଓ କ୍ଷମତାଠାରୁ ଊର୍ଦ୍ଧ୍ୱରେ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

**- V/O - (PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିବା ଉଚିତ ନୁହେଁ ବରଂ ବିଶ୍ୱ ସହଭାଗିତାର ଏକ ମାଧ୍ୟମ ଭାବେ ବିକଶିତ ହେବା ଉଚିତ। ଯୋଗ ବିଶ୍ୱକୁ ସଂଘର୍ଷରୁ ସହଯୋଗ ଏବଂ ଚାପରୁ ସମାଧାନର ମାର୍ଗ ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଜ୍ଞାନ ଆଧୁନିକ ଗବେଷଣା ମାଧ୍ୟମରେ ବିଶ୍ୱସ୍ତରରେ ପ୍ରସାର କରିବାରେ ଭାରତର ପ୍ରୟାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି

ସମସାମୟିକ ଚିକିତ୍ସା ପଦ୍ଧତିରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି । ଏହି ଯୋଗ ଦିବସକୁ ମାନବତା ପାଇଁ ଯୋଗ ୨.୦ର ଶୁଭାରମ୍ଭ କରି ଆଭ୍ୟନ୍ତରୀଣ ଶାନ୍ତିକୁ ବିଶ୍ୱ ନୀତିରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ଜାତୀୟ ଆୟୁଷ ମଶନ ମାଧ୍ୟମରେ ଯୋଗ ଏବଂ ସୁସ୍ଥତାର ବାର୍ତ୍ତା ସାରା ଦେଶରେ ସକ୍ରିୟ ଭାବରେ ପ୍ରସାରିତ ହୋଇଛି। ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଏହି ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଯୋଗ ଏବଂ ଯୋଗାନ୍ଧ୍ର ପୋର୍ଟାଲ ମାଧ୍ୟମରେ ଦେଶବ୍ୟାପୀ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ପଞ୍ଜୀକୃତ ହୋଇଛି। ନୂଆଦିଲ୍ଲୀ ଏମ୍‌ସର ଗବେଷଣା ନିଷ୍କର୍ଷକୁ ଆଧାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ହୃଦ୍‌ରୋଗ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ସୁସ୍ଥତାରେ ଯୋଗର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଚଳିତବର୍ଷ ଯୋଗଦିବସର ବାର୍ତ୍ତା ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'।

ବିଶାଖାପଟନମ୍ କାର୍ଯ୍ୟକ୍ରମରେ ପ୍ରାୟ ୨ ଲକ୍ଷ ୭୨ ହଜାର ଲୋକ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟପାଳ

ସନ୍ତୁଳିତ ଜୀବନ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନିଉ ଅଭିଷେକ ହଲ୍‌ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଅବସରରେ  ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଛନ୍ତି, ଯୋଗ କେବଳ ଶାରୀରିକ କାର୍ଯ୍ୟକଳାପ ନୁହେଁ ଏହା ଏକ ଜୀବନଶୈଳୀ, ଯାହା ଅନ୍ତରରେ ଶାନ୍ତି, ସ୍ଥିରତା ଏବଂ ଆତ୍ମ ସଚେତନତାକୁ ଜାଗ୍ରତ କରିଥାଏ। ପ୍ରାଚୀନ ଭାରତୀୟ ଜ୍ଞାନର ମୂଳ ଯୋଗ ଶରୀର, ମନ ଏବଂ ଆତ୍ମାରେ ସମନ୍ୱୟ ଆଣିବା ସହ ପ୍ରକୃତି ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ଶ୍ରୀ କମ୍ଭମ୍‌ପାଟି କହିଛନ୍ତି।

## ମୁଖ୍ୟମନ୍ତ୍ରୀ-ଯୋଗ

ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଂଗମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଜ୍ୟସ୍ତରୀୟ ଯୋଗ ସମାରୋହରେ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଯୋଗ ବିଶ୍ୱ ମାନବ ସମାଜକୁ ଏକ ମହାର୍ଘ୍ୟ ଉପହାର। ଶରୀର, ଆତ୍ମା ଏବଂ ଚିନ୍ତନଶକ୍ତିକୁ ଉଦ୍‌ବୁଦ୍ଧ କରୁଥିବା ଯୋଗ ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଯୋଗ ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍କୁଲ ପାଠ୍ୟକ୍ରମ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯୋଗକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏ ନେଇ ସମସ୍ତ ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ କର୍ମଶାଳାର ଆୟୋଜନ କରାଯାଉଛି। ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଏବଂ ସଶକ୍ତ ଓଡ଼ିଶା ଗଠନ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ସମାରୋହରେ ପ୍ରାୟ

୧୫ ହଜାର'ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

## ଯୋଗ – ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ବାର୍ତ୍ତା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**କଟକ** ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ବିଶ୍ୱକୁ ଭାରତବର୍ଷର ଶ୍ରେଷ୍ଠ ଅବଦାନ ଯୋଗ ପ୍ରାଣାୟାମ ବୋଲି କହିଛନ୍ତି। ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ **କଟକ**ସ୍ଥିତ ଆଇନସେବା ଭବନଠାରେ ଯୋଗ ଦିବସ ପାଳନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଂଗମ କୁମାର ସାହୁଙ୍କ ସମେତ ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣର ସଦସ୍ୟ ସଚିବ ଓ କର୍ମଚାରୀବୃନ୍ଦ ଯୋଗଦେଇଥିଲେ।

**କୋରାପୁଟ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଭି.କିର୍ତ୍ତୀଭାସନ ଜିଲ୍ଲାସ୍ତରୀୟ ଯୋଗ ଦିବସରେ ଅଂଶଗ୍ରହଣ କରି ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜୟପୁର ପୌର ପରିଷଦଠାରେ ଆୟୋଜିତ ଯୋଗ ଦିବସରେ ବିଧାୟକ ତାରାପ୍ରସାଦ ବାହିନୀପତି ଅଂଶଗ୍ରହଣ କରିଥିଲେ।

**ଯାଜପୁର** ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଯୋଗ ସମାରୋହରେ ବିଧାୟକ ଆକାଶ

ଦାସନାୟକ ଯୋଗଦେଇ ଯୋଗକୁ ଜୀବନଚର୍ଯ୍ୟାର ଏକ ପ୍ରମୁଖ ଅଂଶ ବୋଲି କହିଥିଲେ ।

**ଖୋର୍ଦ୍ଧା** ଜିଲ୍ଲାସ୍ତରୀୟ ଯୋଗ କାର୍ଯ୍ୟକ୍ରମରେ ଯୋଗଦେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏକ ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ ଯୋଗର ଆବଶ୍ୟକତା ରହିଛି ।

**ନୂଆପଡ଼ା** ଜିଲ୍ଲା ଖଡିଆଳ ଉତ୍କଳ ବାଳାଶ୍ରମଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ଡକ୍ଟର ଫଣୀନ୍ଦମ୍ ଦେଓ ଅଂଶଗ୍ରହଣ କରି ଜୀବନଚର୍ଯ୍ୟାରେ ଯୋଗକୁ ନିୟମିତ ଅଭ୍ୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ ।

**ନବରଙ୍ଗପୁର** ଷ୍ଟାଡିୟମ୍‌ରେ ଏନ୍‌ସିସି ବାଟାଲିୟନ୍ ପକ୍ଷରୁ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ୨୫୦ ଜଣ ଏନ୍‌ସିସି କ୍ୟାଡେଟ୍ ଓ କର୍ମଚାରୀ ଯୋଗାଭ୍ୟାସ କରିଥିଲେ ।

**ଗଜପତି** ଜିଲ୍ଲା ଅବକାରୀ ବିଭାଗ ଏବଂ କ୍ରୀଡା ବିଭାଗର ମିଳିତ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ଯୋଗଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୫ ଜଣ ଯୋଗଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ଦେବଗଡ଼** ନୂତନ ବସ୍‌ଷ୍ଟାଣ୍ଡଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ପ୍ରତ୍ୟେକ ଦିନ ବ୍ୟାୟାମ କଲେ ଶରୀର ସୁସ୍ଥ ରହେ ବୋଲି କହିଛନ୍ତି ।

## ସଡକ ନିରାପତ୍ତା

ସଡ଼କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ-କ୍ରୁଟ୍ ପକ୍ଷରୁ ଶୂନ୍ୟ ଦୁର୍ଘଟଣା ଦିବସ ପଦକ୍ଷେପ ଅଧୀନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଅନ୍ତର୍ଗତ ସମସ୍ତ କ୍ରୁଟ୍ ଡିପୋ ଏବଂ କାର୍ଯ୍ୟକ୍ଷମ ଟର୍ମିନାଲରେ ଦୈନିକ କାଉନସେଲିଂ ଅଧିବେଶନ ସହ ସଡକ ସୁରକ୍ଷା ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କ୍ରୁଟ୍ ନରାଜ ଡିପୋ ପରିଦର୍ଶନ କରିବା ସହିତ କ୍ୟାପଟେନ୍ ଓ ଗାଇଡ୍‌ମାନଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀମତୀ ପାଢ଼ୀ 'ନିରାପଦ ଘରକୁ ଆସ' ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। କ୍ରୁଟ ଏହାର କର୍ମଚାରୀ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ସମସ୍ତଙ୍କ ପାଇଁ ନିରାପଦ, ବିଶ୍ୱସନୀୟ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୁଟ୍ ଅଧୀନରେ ୧୦୦ଟି ବିଦ୍ୟୁତ୍‌ଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି।

# ମହାପ୍ରଭୁଙ୍କୁ ଦଶମୂଳ

**ପୁରୀ** ଶ୍ରୀମନ୍ଦିର ବଡ଼ଦେଉଳରେ ଅନବସର କ୍ରମରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଶମୂଳ ଲାଗି ହେବ। ଶୁଣନ୍ତୁ ଏକ ରିପୋର୍ଟ....

ଜ୍ୱରରେ ପୀଡିତ ଦାରୁବ୍ରହ୍ମଙ୍କଠାରେ ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥାନ୍ତି ବୋଲି ଶାସ୍ତ୍ରରେ ଲେଖା ଅଛି। ଆଜି ଏକାଦଶୀ ତିଥିରେ ଶ୍ରୀଜୀଉମାନଙ୍କର ଖଳିଲାଗି ନୀତି ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ନୀତି

ପରେ ଅନବସର ନୀତି କରାଯାଇ ମହାପ୍ରଭୁଙ୍କୁ  ଖଳିଲାଗି କରାଯିବ। ଦଇତାପତି ସେବକମାନେ ଏହି ଗୁପ୍ତନୀତି କରିଥାନ୍ତି।

ଅନ୍ୟପକ୍ଷରେ, ଶ୍ରୀବିଗ୍ରହମାନଙ୍କୁ ଆଜିଠାରୁ ତୁଳସୀ ଓ ବିଭିନ୍ନ ରଙ୍ଗୀନ ପୁଷ୍ପ ଲାଗି କରାଯିବ। ଆସନ୍ତାକାଲି ଦ୍ୱାଦଶୀ ତିଥିରେ ସକାଳ ଧୂପ ଓ ଭୋଗ ମଣ୍ଡପ ନୀତି ପରେ ରାଜପ୍ରାସାଦ ବିଜେ ନୀତି ଅନୁଷ୍ଠିତ ହେବ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଅଗ୍ନିପଥ

ଭାରତୀୟ ସେନାରେ ୨୦୨୫-୨୬ରେ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ନିଯୁକ୍ତି ପାଇଁ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଜୁନ୍ ମାସ ୩୦ ତାରିଖରୁ ଜୁଲାଇ ମାସ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ୧୮ଟି ସହରର ୨୨ଟି କେନ୍ଦ୍ରରେ ପରୀକ୍ଷା ହେବା ନେଇ ସୂଚନା ମିଳିଛି। ଇଚ୍ଛୁକ ପ୍ରାର୍ଥୀମାନେ ଅଫିସିଆଲ ୱେବ୍‌ସାଇଟ୍‌ରୁ ଆଡମିଟ୍‌କାର୍ଡ ଯାଞ୍ଚ ଏବଂ ଡାଉନ୍‌ଲୋଡ୍ କରିପାରିବେ। କମ୍ପ୍ୟୁଟର ଆଧାରିତ ଅନ୍‌ଲାଇନ୍ ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ପାଇଁ ପ୍ରାର୍ଥୀମାନଙ୍କୁ ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

## ପର୍ଯ୍ୟଟନ କନ୍‌କ୍ଲେଭ୍

ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱବିଦିତ କରାଇବା ପାଇଁ ଆସନ୍ତା ୨୫ ତାରିଖ ବୁଧବାରଠାରୁ ଭୁବନେଶ୍ୱରରେ ଷଷ୍ଠ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି। ଏ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ସମ୍ମିଳନୀରେ ୫ଟି ପର୍ଯ୍ୟାୟ ରହିବ। ଏଥିରେ କେନ୍ଦ୍ରମନ୍ତ୍ରୀ, ସାଂସଦ, ଉପମୁଖ୍ୟମନ୍ତ୍ରୀ ଏବଂ ପର୍ଯ୍ୟଟନ କ୍ଷେତ୍ରରେ

କାର୍ଯ୍ୟ କରୁଥିବା ବରିଷ୍ଠ ବ୍ୟକ୍ତିବିଶେଷମାନେ ଯୋଗଦେବେ। ପୁରୀ, କୋଣାର୍କ ଓ ଚିଲିକା ସହ ରାଜ୍ୟର ଅନ୍ୟ ଅଂଚଳରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ସମ୍ମିଳନୀରେ ଆଲୋଚନା ହେବା ନେଇ ଜଣାପଡିଛି।

## ପରିଚାଳନା କମିଟି ବୈଠକ

**କେନ୍ଦ୍ରାପଡା**ରେ ଜିଲ୍ଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା, ମହାକାଳପଡା, ପାଟକୁରା ବିଧାୟକ ପ୍ରମୁଖ ଯୋଗଦେବା ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା କରାଯାଇଛି।

*********************************